ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ୧ ଡିସେମ୍ବର, ୨୦୧୯



## ସଂକ୍ଷେପରେ

### ଶିଶୁବାଟିକା ଶିବିର



ଚିତ୍ରକୋଣ୍ଡା,୩୦।୧୧(ଡି.ଏନ.ଏ.): ଚିତ୍ରକୋଣ୍ଡା ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଶିଶୁବାଟିକା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ବାନାମ୍ବର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶିଶୁଟି ତାର ଦୈନନ୍ଦିନ କାର୍ଯ୍ୟ କିପରି ସମ୍ପାଦନା କରୁଛି ସେ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଶିଶୁମାନଙ୍କ ପାଇଁ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇ ନାଚ ଗୀତ ମାଧ୍ୟମରେସେମାନଙ୍କୁ ଉତ୍ସାହିତ କରାଯାଇଥିଲା। ପରିଚାଳନା କମିଟି କୋଷାଧ୍ୟକ୍ଷ ପ୍ରଭାତ କୁମାର ପାତ୍ର, ଗୁରୁଜୀ ସୁବାଷ ମାଝୀ, ସରସ୍ୱତୀ ପଣ୍ଡା, କେ. ଭାରତୀ ରାଓ, ରାଜଲକ୍ଷ୍ମୀ ବିଶ୍ୱାଳ, ସଂଯୁକ୍ତା ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ମାଲକାନଗିର,୩୦।୧୧(ଡି.ଏନ୍.ଏ.): ମାଲକାନଗିରି ଜିଲା ପୌର ପରିଷଦରେ କାର୍ଯ୍ୟ କରୁଥିବା ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଶନିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ଏମ୍. ନିଳକଣ୍ଠ ନାଇଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସହକାରୀ କାର୍ଯ୍ୟ ନିର୍ବାହୀଯନ୍ତ୍ରୀ ଇନ୍ଦୁମାଧବ ସରକାର, କନିଷ୍ଠ ଯନ୍ତ୍ରୀ କିରଣ ବୁରୁଦା, ବରିଷ୍ଠ ହିସାବ ନିରୀକ୍ଷକ ସଞ୍ଜୟ କୁମାର ସାହୁ, ଲିଙ୍ଗରାଜ ପାଲ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ସୁଶାନ୍ତ କୁମାର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପାଣିଗ୍ରାହୀଙ୍କ ସମ୍ପର୍କରେ ପ୍ରକାଶ କରି ନାଇଡୁ କହିଲେ ଯେ,ସେ ୧୯୮୨ରୁ ପୌର ପରିଷଦରେ ସୂଚାରୁରୂପେ କାର୍ଯ୍ୟ ସମ୍ପାଦନା କରି ଆସୁଛନ୍ତି। ଜଣେ ସାମାଜିକ କର୍ମୀ ଭାବେ ପାଣିଗ୍ରାହୀ ସମସ୍ତଙ୍କ ନିକଟରେ ପରିଚିତ। ପୌର ପରିଷଦର ଉନ୍ନତିରେ ତାଙ୍କର ଅନେକ ଭୂମିକା ରହିଛି। ପାଣିଗ୍ରହୀଙ୍କ ଆଗାମୀ ଜୀବନ ସୁଖମୟ ହେଉ ବୋଲି ନାଇଡୁ କାମନା କରିଥିଲେ।

### ଏଡ୍‌ସ ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୩୦।୧୧ (ସ୍ୱ.ପ୍ର.): ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ବିଶ୍ୱ ଏଡ୍‌ସ ଦିବସ ଅବସରରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଡ୍‌ସ ଭଳି ଭୟାଭୟ ରୋଗ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇ କିପରି ସଚେତନ ହେବା ଆବଶ୍ୟକ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଜାତୀୟ ସେବା ଯୋଜନା ଅଧିକାରୀ ତଥା ଅଧାପିକା ଡ.ଭାରତୀ ପାଣିଗ୍ରାହୀ କହିଥିଲେ ଯେ ଏଡ୍‌ସ ରୋଗକୁ ଘୃଣା କରାଯାଉ ମାତ୍ର ରୋଗୀଙ୍କୁ ଘୃଣା କରିବା ଉଚିତ ନୁହେଁ। ସମାଜର ମୁଖ୍ୟ ସ୍ରୋତରେ ସେମାନଙ୍କୁ ସାମିଲ କରିବା ଦ୍ୱାରା ସେମାନେ ମାନସିକ ଭାବେ ଶାନ୍ତି ଅନୁଭବ କରିବେ ବୋଲି ପ୍ରକାଶ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ଭାବେ ଏବୋଲିନ ମଣ୍ଡଳ, ବନିତା ଚୌଧୁରୀ ଏବଂ ଜ୍ୟୋସ୍ନାରାଣୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରାଜେଶ ପାତ୍ର ପରିଚାଳନା କରିଥିଲେ।

### ବ୍ଲକସ୍ତରୀୟ ଝୋଟି ପ୍ରତିଯୋଗିତା

ଚିତ୍ରକୋଣ୍ଡା,୩୦।୧୧(ଡି.ଏନ.ଏ.): ମିଶନ ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ଚିତ୍ରକୋଣ୍ଡା ଅସ୍ଥାୟୀ ବ୍ଲକ କାର୍ଯ୍ୟାଳୟଠାରେ ସିଡିପିଓ ଅନ୍ନପୂର୍ଣ୍ଣା ବୁରୁଦାଙ୍କ ତତ୍ତ୍ୱାବଧାନରେ ଚିତ୍ରକୋଣ୍ଡା ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନେଇ ବ୍ଲକସ୍ତରୀୟ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଶତାଧିକ ମହିଳା ସାମିଲ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଗାମୀ ଦିନରେ ସେମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡିଛି। ମିଶନ ଶକ୍ତି ସଂଯୋଜକ ରବିନ୍ଦ୍ରନାଥ ଭୂୟାଁ ପ୍ରତିଯୋଗିତା ପରିଚାଳନା କରିଥିଲେ। ସୁପରଭାଇଜର ଚମ୍ପା ନାୟକ, ବିଜୟଲକ୍ଷ୍ମୀ ଶୋଭାସୁନ୍ଦର, ଶରତ ମଞ୍ଜରି ସ୍ୱାଇଁ, ଗାର୍ଙ୍ଗି ଶିରିଗାମ ସହାୟତା କରିଥିଲେ।

■ ରାଜ୍ୟ ଲୋକାୟୁକ୍ତଙ୍କ ସଚେତନତା କାର୍ଯ୍ୟକ୍ରମ

# ସାଧାରଣ ବ୍ୟକ୍ତି ଆଣିପାରିବେ ଦୁର୍ନୀତି ଅଭିଯୋଗ

ପାରଳାଖେମୁଣ୍ଡି, ୩୦।୧୧ (ସ୍ୱ.ପ୍ର.)



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ସଭାଗୃହରେ ରାଜ୍ୟ ଲୋକାୟୁକ୍ତଙ୍କ ପକ୍ଷରୁ ଲୋକାୟୁକ୍ତ ଅଧିନିୟମ ସମ୍ପର୍କିତ ଏକ ସଚେତନତା ସଭା ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ପ୍ରଥମେ ୨୦୧୪ରେ ଲୋକାୟୁକ୍ତ ଅଧିନିୟମ ଲାଗୁ ହୋଇଥିଲେ ମଧ୍ୟ ତାହା ୨୦୧୮ରେ କାର୍ଯ୍ୟକାରୀ କରାଯାଇଥିଲା। ୨୦୧୯ ଫେବୃୟାରୀରେ ଲୋକାୟୁକ୍ତ ନିଯୁକ୍ତ କରାଯାଇଥିଲା । ରାଜ୍ୟ ଲୋକାୟୁକ୍ତର ଅଧ୍ୟକ୍ଷ ଜଷ୍ଟିସ ଅଜିତ ସିଂଙ୍କ ନେତୃତ୍ୱରେ ଏକ ଟିମ୍ ଗଜପତି ଜିଲାକୁ ଆସି ଏଠାରେ ଲୋକାୟୁକ୍ତ ଅଧିନିୟମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ । ଜିଲା ଦୌରାଜଜ୍ ବିଶ୍ୱଜିତ ଦାସ ଲୋକାୟୁକ୍ତ ସମ୍ପର୍କରେ ସୂଚନା ଦେଇ ଏହାର ଅଧିନିୟମର ବିଭିନ୍ନ ପରିସର ସମ୍ପର୍କରେ ସମସ୍ତେ ଜାଣିବା ଆବଶ୍ୟକ ବୋଲି କହିଥିଲେ । ମୁଖ୍ୟତଃ ଲୋକାୟୁକ୍ତ ଅଧିନିୟମ କାର୍ଯ୍ୟକାରୀ ଦ୍ୱାରା ଦୁର୍ନୀତିର ମୂଳୋତ୍ପାଟନ କରାଯାଇପାରିବ ବୋଲି ଦାସ କହିଥିଲେ । ସରକାରୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସାଧାରଣ କର୍ମଚାରୀ ଏବଂ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ସଂସଦୀୟ କ୍ଷେତ୍ର ପର୍ଯ୍ୟନ୍ତ ବିଭିନ୍ନ ଜନପ୍ରତିନିଧି ଲୋକାୟୁକ୍ତଙ୍କ ପରିସର ଭିତରେ ରହିବେ। ଯଦି ଜଣେ ସାଧାରଣ ବ୍ୟକ୍ତି କୌଣସି ଜନପ୍ରତିନିଧି କିମ୍ବା ଅଧିକାରୀ ଦୁର୍ନୀତିଗ୍ରସ୍ତ ବୋଲି ତଥ୍ୟ ଆଧାରିତ ଅଭିଯୋଗ ଲୋକାୟୁକ୍ତଙ୍କ ନିକଟରେ କରନ୍ତି ତେବେ ଲୋକାୟୁକ୍ତ ତୁରନ୍ତ ଏ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରି ତଦାରଖ କରିବେ। ଲୋକାୟୁକ୍ତ ଗଠନ ସମୟରେ ଲୋକାୟୁକ୍ତକୁ ଦୁଇଭାଗ କରାଯାଇଛି। ଗୋଟେ ଅନୁସନ୍ଧାନ ବିଭାଗ ଓ ଅନ୍ୟଟି ମାମଲା ପରିଚାଳନା ବିଭାଗରେ ବିଭକ୍ତ କରାଯାଇଛି। ଜଣେ ସାଧାରଣ ବ୍ୟକ୍ତି ଯଦି କୌଣସି ଅଧିକାରୀଙ୍କୁ ଅଯଥା ହଇରାଣ କରିବା ପାଇଁ ତାଙ୍କ ନାମରେ ଯଦି ଦୁର୍ନୀତି ଅଭିଯୋଗ ଆଣନ୍ତି ଏବଂ ସେହି ତଥ୍ୟ ଭୁଲ ପ୍ରମାଣିତ ହୁଏ ତେବେ ସେ କ୍ଷେତ୍ରରେ ସମ୍ପୃକ୍ତ ସାଧାରଣ ବ୍ୟକ୍ତି ଜଣକ ମଧ ଦଣ୍ଡିତ ହେବାର ନିୟମ ଲୋକାୟୁକ୍ତଙ୍କ ନିକଟରେ ରହିଛି। ଲୋକାୟୁକ୍ତ ଗଠନ ପରେ ବର୍ତ୍ତମାନ ସୁଦ୍ଧା ମୋଟ ୮୬୪ଟି ଅଭିଯୋଗ ଗ୍ରହଣ କରାଯାଇଛି। ସେଥିରୁ ୩୮୭ଟି ଅଭିଯୋଗର ଶୁଣାଣି ସରିଛି। ଆଉ ୪୭୭ଟି ଅଭିଯୋଗ ଲୋକାୟୁକ୍ତଙ୍କ ନିକଟରେ ଶୁଣାଣି ଅପେକ୍ଷାରେ ରହିଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଲୋକାୟୁକ୍ତଙ୍କ ସଦସ୍ୟ ଜଷ୍ଟିସ ବିକେ ନାୟକ, ସଦସ୍ୟ ଡ.ରାଜେନ୍ଦ୍ର ପ୍ରସାଦ ଶର୍ମା, ସଭ୍ୟ ଡ.ଦେବେନ୍ଦ୍ର ସ୍ୱାଇଁ, ଗଜପତି ଜିଲାପାଳ ଅନୁପମ ଶାହା, ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମା ଉପସ୍ଥିତ ଥିଲେ। ଲୋକାୟୁକ୍ତ ସଚିବ ମାନସ ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ୧୦୦ ଏକର ଜଙ୍ଗଲ ଜମିରୁ ଗଞ୍ଜେଇ ଚାଷ ନଷ୍ଟ

କୋରୁକୋଣ୍ଡା ୩୦।୧୧(ଡ଼ି.ଏନ.ଏ)

ଜିଲା ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢାଉରେ ଚିତ୍ରକୋଣ୍ଡା ଥାନା ଅଞ୍ଚଳରେ ହୋଇଥିବା ବେଆଇନ ଗଞ୍ଜେଇ ନଷ୍ଟ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୧୭ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଗୋପୀଗୁଡା, ରଜାବନ୍ଧ, ଖଡିକାଜୁଡି ଏବଂ ଡାଇକ-୨ ଗ୍ରାମରେ ଗଞ୍ଜେଇ ଚାଷ ହେଉଥିବା ଖବର ପାଇ ଶୁକ୍ରବାର ମାଲକାନଗିରି ଅବକାରୀ ବିଭାଗ, ଚିତ୍ରକୋଣ୍ଡା ପୋଲିସ ଏବଂ ଚିତ୍ରକୋଣ୍ଡା ତହସିଲ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇଥିଲା। ପ୍ରାୟ ୧୦୦ ଏକର ଜଙ୍ଗଲ ଜମିରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା। ଗଞ୍ଜେଇ ଗଛକୁ କାଟି ପରେ ସେଥିରେ ନିଆଁ ଲଗାଇ ପୋଡାଯାଇଥିଲା। ଆଗାମୀ ଦିନରେ ମଧ ଜିଲାର ବିଭିନ୍ନ ଅଞ୍ଚଳରେ ଏପରି ଚଢାଉ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ।

# ନୈତିକ ମୂଲ୍ୟବୋଧ ସମ୍ପର୍କିତ କର୍ମଶାଳା

ପାରଳାଖେମୁଣ୍ଡି,୩୦।୧୧ (ସ୍ୱ.ପ୍ର.):

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ କୁରୁକ୍ଷେତ୍ରର ବିଦ୍ୟାଭରତୀ ସଂସ୍କୃତି ଶିକ୍ଷା ସଂସ୍ଥାନ ତରଫରୁ ସଂସ୍କୃତି ଭବନ ଦ୍ୱାରା ଆୟୋଜିତ ଭାରତୀୟ ନୈତିକ ମୁଲ୍ୟବୋଧର ସ୍ଥାପନର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଘର କାର୍ଯ୍ୟକର୍ତ୍ତା ରମେଶ କୁମାର ସାହୁ ଯୋଗଦେଇ ବିଦ୍ୟାର୍ଥି ଜୀବନର ମୂଳ ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିବାସହ ସଫଳ ହେବା ବଦଳରେ ନିଜ ବିଦ୍ୟାର୍ଥି ଜୀବନ ସାର୍ଥକ କରିବାକୁ ଛାତ୍ରଛାତ୍ରୀ ମାନେ ସର୍ବଦା ଚେଷ୍ଟା କରିବା ଉଚିତ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ମୁଖ୍ୟତଃ ବିଦ୍ୟାର୍ଥୀମାନେ ନିଜ ବିଦ୍ୟାର୍ଥୀ ଜୀବନକୁ କିପରି ଭାବେ ସଠିକ ଉପଯୋଗ କରିବେ ଏବଂ ଯାହାଦ୍ୱାରା ସେମାନେ ଭବିଷ୍ୟତରେ ସଫଳତାର ସିଡି ଚଢିପାରିବେ ଏବଂ ସେ ପଢୁଥିବା ଅନୁଷ୍ଠାନ କିମ୍ବା ବିଦ୍ୟାଳୟର ଗୌରବକୁ ବୃଦ୍ଧି କରିପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ପରିଚାଳନା କରିଥିବାବେଳେ ସହ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବିଭିନ୍ନ ଦଳରେ ଛାତ୍ରଛାତ୍ରୀମାନଙ୍କୁ ଭାଗକରି ବିଭିନ୍ନ କ୍ରିୟାକଳାପ ଦ୍ୱାରା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

■ ଜିଲାସ୍ତରୀୟ ଯୁବ ମହୋତ୍ସବ

# ଲୁକ୍କାୟିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି, ୩୦।୧୧ (ସ୍ୱ.ପ୍ର.)


ଯୁବ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଯୁବମହୋତ୍ସବ-୨୦୧୯ ଅନୁଷ୍ଠିତ ହୋଇଯାଇଛି । ଜିଲା ପ୍ରଶାସନ ପକ୍ଷରୁ କ୍ରୀଡା ଓ ଯୁବସେବା ବିଭାଗ ସହଯୋଗରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା କ୍ରୀଡା ଅଧିକାରୀ ପ୍ରଭାକର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଣ୍ଠଶିଳ୍ପୀ ଡ.ଚନ୍ଦନ ଗନ୍ତାୟତ, ଅଧାପିକା ଡ.କଲ୍ୟାଣୀ ମିଶ୍ର, ଆକାଶବାଣୀର ସଙ୍ଗୀତ ସଂଯୋଜକ ଗୁରୁ ରଘୁନାଥ ପାତ୍ର, ଜିଲା ସାଂସ୍କୃତିକ ସଂଘ ସଦସ୍ୟ ନୃସିଂହ ଚରଣ ପଟ୍ଟନାୟକ, ପ୍ରଧାନ ଶିକ୍ଷକ ବୃଷକେତୁ ଦାସ ପ୍ରମୁଖ ଯୋଗଦେଇ ଯୁବ ମହୋତ୍ସବ ପାଳନର ଆବଶ୍ୟକତା ଏବଂ ଏହାଦ୍ୱାରା ଜିଲାରେ ରହିଥିବା ଲୁକ୍କାୟିତ ଯୁବ ପ୍ରତିଭାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଉତ୍ସବରେ ଜିଲାର ବିଭିନ୍ନ ଅଞ୍ଚଳରୁ ଯୁବ କଳାକାରମାନେ ଯୋଗଦେଇ ଲୋକନୃତ୍ୟ, ଓଡିଶୀ ନୃତ୍ୟ, ଏକକ ଅଭିନୟ, ମୃଦଙ୍ଗ, କର୍ଣ୍ଣାଟକୀ ସଙ୍ଗୀତ, ଭାରତ ନାଟ୍ୟମ ନୃତ୍ୟ, କୁଚୁପୁଡି ନୃତ୍ୟ ପ୍ରଦର୍ଶନ କରିଥିଲେ। ଜିଲାର ବିଭିନ୍ନ ବ୍ଲକ ଏବଂ ପାରଳାଖେମୁଣ୍ଡିରୁ ପ୍ରାୟ ୧୨ଟି ଦଳ ଏବଂ ୩୫୦ଜଣ ଯୁବ କଳାକାର ସାମିଲ ହୋଇଥିଲେ। ଯୁବ ମହୋତ୍ସବର ବିଚାରକ ଦାୟିତ୍ୱ ଗୁରୁ ରଘୁନାଥ ପାତ୍ର, ନୃସିଂହ ଚରଣ ପଟ୍ଟନାୟକ, ଡ.କଲ୍ୟାଣୀ ମିଶ୍ର, ବିରେଶ କୁମାର ମହାପାତ୍ର, ପ୍ରବୀଣ ପଣ୍ଡା, ଡି.ପ୍ରିୟଙ୍କା, ବାଗ୍ମିରଞ୍ଜନ ଶାଣ୍ଡ୍, ଆଇ.ମନ୍ମଥ ରାଓ ତୁଲାଇଥିଲେ । ଏଥିରେ ସଫଳତା ହାସଲ କରିଥିବା କୃତି ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଯୁବମହୋତ୍ସବରେ ସାମିଲ ହେବେ।

### ଶିଶୁ ବିକାଶ ଯୋଜନା ପକ୍ଷରୁ ଝୋଟି ପ୍ରତିଯୋଗିତା

କାଲିମେଳା ,୩୦।୧୧(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରସରରେ ଏକ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଏସଏସଜି ଗ୍ରୁପ୍‌ର ମହିଳା, ସ୍କୁଲ ଛାତ୍ରୀ, କଲେଜ ଛାତ୍ରୀଙ୍କ ସମେତ ଅନ୍ୟ ମହିଳାମାନେ ଭାଗ ନେଇଥିଲେ। ଯୋଗ ଦେଇଥିବା ୧୬ ଜଣ ପ୍ରତିଯୋଗୀ ସୁନ୍ଦର ଝୋଟି ଆଙ୍କିଥିଲେ। ସିଡିପିଓ ସନ୍ଧ୍ୟାରାଣୀ ନାୟକ ଉପସ୍ଥିତ ରହି ତଦାରଖ କରିଥିଲେ। ବ୍ଲକ ଅଧକ୍ଷ ମାଲା ମାଢି, ସୁପରଭାଇଜର ମଞ୍ଜୁବାଳା ମହାପାତ୍ର, ଓଡିଶା ଜୀବିକା ମିଶନ ବ୍ଲକ କୋର୍ଡିନେଟର ରୋଜାଲିନ ଦାସ, ବିପିନ ବିଶ୍ୱାସ, ଦୁଲାଲ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଶକ୍ତିମୟୀ ଏସଏସଜି ଗ୍ରୁପର ମହେଶ୍ୱରୀ ବିଶ୍ୱାସ ପ୍ରଥମ, ମା' ମେରି ଏସଏସଜି ଗ୍ରୁପର ଏସ. ଲକ୍ଷ୍ମୀ ଦ୍ୱିତୀୟ ଏବଂ କାଲିମେଳା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସରସ୍ୱତୀ ବିଶ୍ୱାସ ତୃତୀୟ ହୋଇଥିଲେ। ଏହି କୃତୀ ପ୍ରତିଯୋଗୀମାନେ ଶନିବାର ହେବାକୁ ଥିବା ଜିଲା ସ୍ତରୀୟ ଝୋଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ଝୋଟି ପ୍ରତିଯୋଗିତା: ରାଜ୍ୟସ୍ତରକୁ ୩ ମନୋନୀତ



ଝୋଟି ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ମାଲକାନଗିର,୩୦।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ମାଲ୍ୟବନ୍ତ ଛାତ୍ରାବାସ ପରିସରରେ ଶନିବାର ଜିଲାସ୍ତରୀୟ ଚିତା ଏବଂ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଉପଜିଲାପାଳ ରାମେଶ୍ୱର ପ୍ରଧାନ, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ରଙ୍କ ସହ ଜିଲାର ୭ଟି ବ୍ଲକର ସମନ୍ୱିତ ଶିଶୁ ବିକାଶ ଯୋଜନାର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଚାରକ ଦାୟିତ୍ୱ ଦେଶିରାଜୁ ଆଚାରି, ଏସ୍.କେ. ଜିଲାନି, ସାହିତ୍ୟିକ କେଶବ ଚନ୍ଦ୍ର ନାୟକ ତୁଲାଇଥିଲେ। ୭ଟି ବ୍ଲକ ଏବଂ ମାଲକାନଗିରି ପୌର ପରିଷଦରୁ ମୋଟ ୨୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ୨୪ଜଣ ନିଜନିଜ ବ୍ଲକରେ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମାଲକାନଗିରି ପୌର ପରିଷଦର ସୁକାନ୍ତି ବିଶ୍ୱାଳ ପ୍ରଥମ, ଖଇରପୁଟର ଜ୍ୟୋତି ସିକଦାର ଦ୍ୱିତୀୟ ଏବଂ ମାଲକାନଗିରି ପୌର ପରିଷଦର ପ୍ରତିମା ମଜୁମଦାର ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ୩ କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ଝୋଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ଜିଲାସ୍ତରୀୟ ଯୋଗାଣ ସହାୟକ ସଂଘ ବୈଠକ

ପାରଳାଖେମୁଣ୍ଡି, ୩୦।୧୧ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ରୋଟାରି ହଲ୍ ପରିସରରେ ଜିଲା ଯୋଗାଣ ସହାୟକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ବିବେଚିନ୍ଦ୍ର ମାଳି ଓ ସମ୍ପାଦକ ଦିବ୍ୟମୋହନ ବୀରଙ୍କ ଉପସ୍ଥିତିରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଦରମା ବୃଦ୍ଧ ନେଇ ବୈଠକରେ ଦାବି ଉପସ୍ଥାପନ କରାଯାଇଥିଲା । ଏହି ଯୋଗାଣ ସହାୟକମାନେ ଜିଲାର ବିଭିନ୍ନ କାର୍ଯ୍ୟ ଯଥା ରାଶନ ସାମଗ୍ରୀ ବଣ୍ଟନ, ବିଭିନ୍ନ ନିର୍ବାଚନ କାର୍ଯ୍ୟରେ ସହଯୋଗ, ବିଜୁପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସିକ ଯୋଜନାରେ ନିୟୋଜିତ ହେଉଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଏମାନଙ୍କୁ ମାସିକ ମାତ୍ର ୬ ହଜାର ଟଙ୍କା ବେତନ ପ୍ରଦାନ କରାଯାଉଛି। ଯାହା ଚଳିବା ପାଇଁ ଯଥେଷ୍ଟ ନୁହେଁ। ସରକାରଙ୍କ ପକ୍ଷରୁ ଏମାନଙ୍କୁ ଅଣଦେଖା କରାଯାଉଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଯୋଗାଣ ସହାୟକମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ଏହି ବୈଠକରେ ଦାବି ଉପସ୍ଥାପନ କରାଯାଇଥିଲା। ବୈଠକରେ ଏକାଦଶୀ ଜେନା, ରବିଶଙ୍କର ବେହେରା, ସୁଲଭ ପାତ୍ର, ତ୍ରିନାଥ ପାତ୍ରଙ୍କ ସମେତ ଗଞ୍ଜାମ ଜିଲା ସଂଘର ରାମକ୍ରିଷ୍ଣା ବଶିଆ, ବୈକୁଣ୍ଠନାଥ ପାତ୍ର, ସୁଜିତ କୁମାର ପ୍ରଧାନ, ଅଟଳ ବିହାରୀ ପ୍ରଧାନ ଉପସ୍ଥିତଥିଲେ ।

### ସାପ କାମୁଡ଼ାରେ ନାବାଳକ ଗୁରୁତର

ପଡିଆ,୩୦।୧୧(ଡି.ଏନ.ଏ.)

ପଡିଆ ବ୍ଲକ ମାରିଚମେଟଲା ଗ୍ରାମରେ ସାପ କାମୁଡାରେ ଜଣେ ବାଳକଙ୍କ ଗୁରୁତର ହୋଇଛନ୍ତି। ତାଙ୍କ ନାମ ଭୀମା କବାସି(୧୬)। ଭୀମା ଜମିରେ କାମ କରୁଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ନେଇଥିଲେ। ସେଠାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ଗ୍ରାମୀଣ ଡାକଘର ପକ୍ଷରୁ ପୋଷ୍ଟ ପେମେଣ୍ଟ୍‌ସ ବ୍ୟାଙ୍କ ସମ୍ପର୍କିତ ସଚେତନତା ଶିବିର

ପଡ଼ିଆ,୩୦।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡ଼ିଆ ବ୍ଲକ ଅନ୍ତର୍ଗତ ଗିରପାନପାଲି ପଞ୍ଚାୟତରେ ଥିବା ଶାଖା ଡାକଘର ପକ୍ଷରୁ ଡାକପାଳ ପ୍ରବୀଣ କୁମାର ଆଚାରିଙ୍କ ତତ୍ତ୍ୱାବଧାନରେ ଆଇପିପିବି ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ସମ୍ପର୍କରେ ଏକ ଜନସମ୍ପର୍କ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ଇଣ୍ଡିଆ ପେମେଣ୍ଟ୍‌ସ ବ୍ୟାଙ୍କ ଶାଖା ପରିଚାଳକ ଶିରିଶିଳା କଲ୍ୟାଣ, ସମ୍ମାନିତ ଅତିଥି ଭାବେ ବାଲିମେଳା ଉପଡାକପାଳ ପ୍ରକାଶ ବୈରାଗୀ, ପ୍ରମୋଦ ସାହୁ, ବିଶ୍ୱନାଥ ପଡିଆମି, ଟେରିଟୋରିଆଲ ଅଫିସର ହବିବୁଲା ଖାନ୍ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଡିଗାଟା ଶାଖା ଡାକପାଳ ଶୁଭଲକ୍ଷ୍ମୀ ସାହୁ, ତେଲେରାଇ ଶାଖା, ଡାକଘର ଶାଖା ଉପଡାକପାଳ ଚନ୍ଦ୍ରଶେଖର ସାହୁ, ବାପନପାଲ୍ଲୀ ଶାଖା ଡାକପାଳ ନରେନ୍ଦ୍ର ରାୟ ଉପସ୍ଥିତ ଥିଲେ। ଗିରିକାନପାଲ୍ଲୀ ଶାଖା ଡାକପାଳ ଟି. ପ୍ରବୀନ ଆଚାରୀ, ଉପଡାକପାଳ କାର୍ତ୍ତିକ ଧରାବଡ଼, ହରେକୃଷ୍ଣ ସ୍ୱାଇଁ ସହଯୋଗ କରିଥିଲେ। ଇଣ୍ଡିଆ ପୋଷ୍ଟାଲ ପେମେଣ୍ଟ୍‌ସ ବ୍ୟାଙ୍କ ସମ୍ପର୍କରେ ଶାଖା ପରିଚାଳକ ଶ୍ରୀକଲ୍ୟାଣ ଏବଂ ଟେରିଟୋରିଆନ୍ ଅଫିସର ଲୋକଙ୍କୁ ବୁଝାଇଥିଲେ। ପରେ ଲୋକମାନେ ଆକାଉଣ୍ଟ ଖୋଲିଥିଲେ।

■ ମଣ୍ଡି ପରିଦର୍ଶନ କଲେ ଜିଲାପାଳ

# ଚାଷୀଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କଲେ

ମାଲକାନଗିର,୩୦।୧୧(ଡି.ଏନ୍.ଏ.)


ଜିଲାପାଳ ମଣ୍ଡିରେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

ଗତ ଦୁଇ ସପ୍ତାହ ହେଲା ମାଲକାନଗିରି ଜିଲାରେ ଧାନ ମଣ୍ଡି ଚାଲିଛି। ବିଭିନ୍ନ ମଣ୍ଡିରେ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିକଟରେ ମଧ ମଣ୍ଡି ସମ୍ପର୍କରେ ଅନେକ ଅଭିଯୋଗ ପହଞ୍ଚିଛି। ଜିଲାପାଳ ଅଗ୍ରୱାଲ ଶନିବାର ଜିଲାର ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ସଦର ବ୍ଲକସ୍ଥିତ ଝରାପାଲି ଓ ପଦ୍ମଗିରି ମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମିଲର, ନିୟନ୍ତ୍ରିତ ବଜାର କମିଟି, ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା ଚାଷୀ ଯେପରି ହଇରାଣ ନ ହୁଅନ୍ତି ସେଥିପ୍ରତି ସେ ଗୁରୁତ୍ୱାରୋପ କରିଥିଲେ। ଚାଷୀମାନେ ଯେପରି ହଇରାଣ ନ ହୁଅନ୍ତି ଏବଂ ଦଲାଲଙ୍କ କବ୍‌ଜାକୁ ନ ଯାଆନ୍ତି ଦୃଷ୍ଟି ଦେବାକୁ କର୍ମଚାରୀମାନଙ୍କୁ ତାଗିଦ କରିଥିଲେ। ଜିଲାପାଳଙ୍କ ସହ ଉପଜିଲାପାଳ ରାମେଶ୍ୱର ପ୍ରଧାନ, ବିଡିଓ ଗୁଣନିଧି ନାୟକ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ଡିସେମ୍ବର ୧/୨୦୧୯ Rayagada, Sunday, December 1 / 2019

## ସଂକ୍ଷେପରେ

### ଡିସେମ୍ବର ୧୮ରେ ଜିଲାସ୍ତରୀୟ ନିଯୁକ୍ତି ମେଳା

**ରାୟଗଡ଼ା ଅଫିସ, ୩୦।୧୧:** ଓଡ଼ିଶା ସ୍କିଲ୍ ଡ଼େଭଲପ୍‌ମେଣ୍ଟ ଅଥରିଟି ଏବଂ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଡିସେମ୍ବର ୧୮ରେ ଅନୁଷ୍ଠିତ ହେବ ନିଯୁକ୍ତି ମେଳା-୨୦୧୯-୨୦। ଏଥିପାଇଁ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଶନିବାର ଡିଆର୍‌ଡିଏ ସମ୍ମିଳନୀକକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଡ଼ିସେମ୍ବର ୧୮ରେ ଏହି ନିଯୁକ୍ତି ମେଳା ସ୍ଥାନୀୟ ଜିସିଡ଼ି ଖେଳ ପଡ଼ିଆଠାରେ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବ୍ୟାନର୍, ପୋଷ୍ଟର ଏବଂ ଲିଫ୍‌ଲେଟ୍ ମାଧ୍ୟମରେ ଏହି ନିଯୁକ୍ତି ମେଳା ସମ୍ପର୍କରେ ବିଭିନ୍ନ ବ୍ଲକ୍ ଏବଂ ଗ୍ରାମାଞ୍ଚଳରେ ବେକାର ଯୁବତୀ ଯୁବକ ଯେପରି ସୂଚନା ପାଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ବିଭିନ୍ନ ବେସରକାରୀ କମ୍ପାନୀ ଆସି ପିଲାଙ୍କୁ ଯୋଗ୍ୟତା ଭିତ୍ତିରେ କିପରି ନିଯୁକ୍ତି ପ୍ରଦାନ କରିବେ ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ଜିଲାପାଳଙ୍କ ସମେତ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ନିଯୁକ୍ତି ଅଧିକାରୀ ଆର.ପି. ଟେଟ୍, ଡିଏସ୍‌ଡବ୍ଲ୍ୟୁଓ ୱାହିଦା ବେଗମ୍, ଡିଆଇପିଆର୍‌ଓ, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ ଉପସ୍ଥିତ ଥିଲେ।

### ସିଆଇଟିୟୁର ଖବରଦାତା ସମ୍ମିଳନୀ
### ବିଭିନ୍ନ ଦାବିରେ ୪ରୁ ପଦଯାତ୍ରା




**ଜେକେପୁର,୩୦।୧୧(ଡି.ଏନ୍.ଏ.):** ରାୟଗଡା ଜିଲା ଜେ.କେ. କାଗଜକଳରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଭିନ୍ନ ଦାବି ନେଇ ପୂର୍ବରୁ ଠିକା କର୍ମଚାରୀମାନେ ଜେ.କେ. କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରୁଥିବାରୁ ଶ୍ରମିକମାନେ ବୋନସ୍ ଦାବିରେ ଫାଟକ ସମ୍ମୁଖରେ ପ୍ରତିବାଦ କରିଥିଲେ। ପରବର୍ତ୍ତୀର ସମୟରେ ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ କମ୍ପାନୀ କର୍ତ୍ତୃପକ୍ଷ ଓ ଠିକା କର୍ମଚାରୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୌଣସି ସମାଧାନର ସୂତ୍ର ବାହାରି ନ ଥିଲା। ଫଳରେ ଗତ ୨୮ ତାରିଖରେ ଜିଲାପାଳଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ୨୦ ପ୍ରତିଶତ ବୋନସ୍ ଦାବି ରହିଥିଲା। ତେବେ ଅଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଡିସେମ୍ବର ୪ ତାରିଖରୁ ଜେ.କେ. କାଗଜ କଳଠାରୁ ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରା ପାଇଁ ନିଷ୍ପତ୍ତି ନିଆଯାଇଥିବା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ପଦଯାତ୍ରାରେ ରାଜ୍ୟ ସଭାପତି ବିଷ୍ଣୁ ମହାନ୍ତିଙ୍କ ସମେତ ଜିଲା ସଭାପତି ସିଆଇଟିୟୁର ସି.ଏଚ୍. ହରିଚନ୍ଦନ ପ୍ରମୁଖ ଯୋଗଦେବେ ବୋଲି ସୂଚନା ମିଳିଛି। ଖବରଦାତା ସମ୍ମିଳନୀରେ ଠିକା କର୍ମଚାରୀ ସଂଘର ସଭାପତି ପି. ସୀତାରାମ, ସମ୍ପାଦକ ପି. ରାମୁରୁ ଓ ମହିଳା ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ନିଖୋଜ ଛାତ୍ରଙ୍କ ମୃତଦେହ ଉଦ୍ଧାର

**ରାୟଗଡ଼ା ଅଫିସ, ୩୦।୧୧:** ରାୟଗଡ଼ାସ୍ଥିତ ସାଇପ୍ରିୟା ନଗର ଅଞ୍ଚଳର ଏମ୍. ଭାନୁତେଜ ନାମକ ଛାତ୍ର ଶୁକ୍ରବାର ନାଗାବଳୀ ନଦୀରେ ନିଖୋଜ ହୋଇଥିବାବେଳେ ଶନିବାର ସନ୍ଧ୍ୟାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଶୁକ୍ରବାର ରାତି ହୋଇଯିବା ଯୋଗୁ ତାଙ୍କୁ ଖୋଜିବା ସମ୍ଭବ ହୋଇ ନ ଥିବାବେଳେ ନଦୀ ନିକଟରୁ ତାଙ୍କ ବାଇକ୍ ଓ ଚପଲ ଜବତ ହୋଇଥିଲା। ଅଗ୍ନିଶମ ବାହିନୀର ପ୍ରଚେଷ୍ଟାରେ ଶନିବାର ତାଙ୍କୁ ପୁରୁଣା ହାତୀପଥର ନିକଟ କୂଳରୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ସୂଚନା ମିଳିଛି।

## ■ ରାୟଗଡ଼ା ଜିଲାରେ ବଢ଼ୁଛି ଏଡ୍ସ ରୋଗୀଙ୍କ ସଂଖ୍ୟା

# ଏଡ୍ସ ସେଲ୍ ନିକଟରେ ନାହିଁ ବ୍ଲକ୍ ୱାରି ରୋଗୀଙ୍କ ତଥ୍ୟ

**ରାୟଗଡ଼ା ଅଫିସ,୩୦।୧୧**



ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସିଟିସି-୧ ସେଣ୍ଟର।

ରାୟଗଡ଼ା ଏକ ଆଦିବାସୀ ଅଧ୍ୟୁଷିତ ଜିଲା ହୋଇଥିବାବେଳେ ଏଠାରେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁ ଏଚ୍‌ଆଇଭି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ହେଲେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଆଇସିଟିସିରେ ଏଚ୍‌ଆଇଭି ଆକ୍ରାନ୍ତଙ୍କ ତଥ୍ୟ ନ ଥିବା ଜଣାପଡ଼ିଛି। ଜିଲାର ବିଭିନ୍ନ ବ୍ଲକ୍‌ରେ ରହିଥିବା ଏଡ୍ସ ରୋଗୀଙ୍କ ସମ୍ପର୍କରେ ପଚାରିବାରୁ ଏଠାରେ ବ୍ଲକ୍ ୱାରି ତଥ୍ୟ ନ ଥିବା ଆଇସିଟିସି କାଉନସେଲର୍ ଚିତ୍ରକଣ୍ଠା କଣ୍ଡାଗିରି କହିଛନ୍ତି। ଜିଲାର ଗୁଣପୁର, ମୁନିଗୁଡ଼ା ଏବଂ ଜେକେପୁର ବ୍ୟତୀତ ଅନ୍ୟ କୌଣସି ବ୍ଲକ୍‌ର ରୋଗୀଙ୍କ ସମ୍ପର୍କରେ ତଥ୍ୟ ନ ଥିବା ସେ କହିଛନ୍ତି।

ମିଳିଥିବା ତଥ୍ୟ ଅନୁଯାୟୀ ରାୟଗଡ଼ା, ଗୁଣପୁର, ମୁନିଗୁଡ଼ା ଏବଂ ଜେକେପୁର ଇଏସ୍‌ଆଇ ହସପିଟାଲରେ ୨୦୧୩ରେ ୧୧୧୮୯ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ସେଥିରୁ ୪୯ଜଣ ଏଡ୍ସ ରୋଗୀ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୭ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୯ରେ ୧୩୦୧୭ ରକ୍ତ ନମୁନା ପରୀକ୍ଷା କରାଯାଇଥିବାସ୍ଥଳେ ସେଥିରୁ ୭୬ଜଣ ଏଡ୍ସ ସଂକ୍ରମିତ ଥିଲେ। ସେଥିରୁ ୫ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେହିପରି ୨୦୧୩ରୁ ୨୦୧୯ ପର୍ଯ୍ୟନ୍ତ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସିଟିସି-୧ ରେ ୧୮୧୧୪ ରକ୍ତ ନମୁନା ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୨୫୪ଜଣ ଏଚ୍‌ଆଇଭି ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୯ ଜଣଙ୍କ ମୃତ୍ୟୁ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସିଟିସି-୨ ରେ ୨୮୯୮୯ ରକ୍ତନମୁନା ପରୀକ୍ଷା ହୋଇଥିଲା। ସେଥିମଧ୍ୟରୁ ୪୧ ଜଣ ଏଚ୍‌ଆଇଭି ପଜିଟିଭ୍ ଚିହ୍ନଟ ହୋଇଥିଲା ଏବଂ ୪ଜଣଙ୍କର ମୃତ୍ୟୁ ହୋଇଥିଲା। ଗୁଣୁପୁର ଏସଡ଼ି ହସପିଟାଲରେ ୧୭୧୩୯ ରକ୍ତନମୁନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୬୮ଟି ପଜିଟିଭ୍ ବାହାରିଥିବାବେଳେ ୧୭ଜଣଙ୍କର ମୃତ୍ୟୁ ହୋଇଥିଲା। ଆଇସିଟିସି ମୁନିଗୁଡ଼ାରେ ୨୧୧୨୮ ଜଣଙ୍କର ପରୀକ୍ଷା ହୋଇଥିଲା। ସେଥିମଧ୍ୟରୁ ୪୨ପଜିଟିଭ ରହିଥିବାବେଳେ ୭ଜଣଙ୍କ ମୃତ୍ୟୁ ହୋଇଥିଲା। ଜେକେପୁର ଇଏସ୍‌ଆଇ ହସପିଟାଲ୍‌ରେ ୨୦୧୩ ରୁ ୨୦୧୭ ପର୍ଯ୍ୟନ୍ତ ୨୨୭ଜଣଙ୍କର ରକ୍ତ ନମୁନା ପରୀକ୍ଷା ହୋଇଥିବାବେଳେ ସମସ୍ତ ରିପୋର୍ଟ ନେଗେଟିଭ୍ ରହିଥିଲା ଏବଂ କାହାର ମୃତ୍ୟୁ ହୋଇ ନ ଥିବା ସୂଚନା ମିଳିଛି। ତେବେ ଏହା ପରଠାରୁ ଜେକେପୁରର ପରୀକ୍ଷା କେନ୍ଦ୍ରଗୁଡ଼ିକ ବନ୍ଦ ହୋଇଥିଲା। ଜଣେ ଏଡ୍ସ ରୋଗୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ୨୦୧୨ରୁ ସେ ଏଚ୍‌ଆଇଭି ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁବିଧା ମିଳିପାରୁନାହିଁ। ବାରମ୍ବାର ସରକାରଙ୍କୁ ନିବେଦନ କରାଯାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ସେ କହିଛନ୍ତି। ସଚେତନତା କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ପକ୍ଷରୁ ଅନେକ ଟଙ୍କା ଆସୁଛି। ହେଲେ କେବଳ ବିଶ୍ୱ ଏଡ୍ସ ଦିବସରେ ନାମକୁ ମାତ୍ର ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ମାତ୍ର ସରକାରଙ୍କ ଯୋଜନା ଏଡ୍ସ ରୋଗୀଙ୍କ ପାଇଁ ଅପହଞ୍ଚ ବୋଲି ଜଣାପଡ଼ିଛି। ସରକାରଙ୍କ ବିଭିନ୍ନ ଆବାସ ଯୋଜନା, ମଧୁବାବୁ ପେନସନ ଯୋଜନା ଆଦି ରହିଥିଲେ ମଧ୍ୟ ଏଡ଼ସ ରୋଗୀ ଏଥିରୁ ବଞ୍ଚିତ ହେଉଛନ୍ତି। ତେଣୁ ସରକାର ଏବଂ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଜିଲାରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ବିଭିନ୍ନ ଯୋଜନାରେ ଏମାନଙ୍କୁ ସହାୟତା ପ୍ରଦାନ କରାଗଲେ ଏଡ୍ସ ଦିବସ ପାଳନର ଉଦ୍ଦେଶ୍ୟ ସାଧିତ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।


ଅଟୋକୁ ଯାଞ୍ଚ କରୁଛି ପୋଲିସ।

## ■ ମିଳିତ ଯାନବାହନ ଯାଞ୍ଚ

# ୨ଲକ୍ଷ ୩୫ହଜାର ଟଙ୍କା ଜରିମାନା ଆଦାୟ

**ରାୟଗଡ଼ା ଅଫିସ,୩୦।୧୧**

ରାୟଗଡ଼ା ଟ୍ରାଫିକ ପୋଲିସ ଏବଂ ପରିବହନ ବିଭାଗର ମିଳିତ ଉଦ୍ୟମରେ ଶନିବାର ଡ଼ିଆଇବି, ଉମାଶଙ୍କର ରୋଡ୍ ଓ ରିଂ ରୋଡ୍‌ଠାରେ ଯାନବାହନ ଗୁଡ଼ିକର ଯାଞ୍ଚ କରାଯାଇଥିଲା। ବେ ସରକାରୀ ବସ ଏବଂ ଗାଡ଼ି କୁ ସନିବାର ଚଢ଼ାଉ କରାଯାଇଛି। ଟ୍ରାଫିକ୍ ଇନଚାର୍ଜ ପି. ରାବଣା ଏବଂ ଏମଭିଆଇ ଶିବଶଙ୍କର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଏହି ଯାଞ୍ଚ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ଡ୍ରାଇଭିଂ ଲାଇସେନ୍ସ, ଫିଟ୍‌ନେସ୍ ଆଦି ଯାଞ୍ଚ କରାଯାଇ ୩୦ ସ୍କୁଲ ଅଟୋ ଏବଂ ବସ୍‌ଠାରୁ ୨ଲକ୍ଷ ୩୫ହଜାର ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି। କାହାର ଡ୍ରାଇଭିଂ ଲାଇସେନ୍ସ ନାହିଁ ତ କାହାର ଫିଟନେସ ନ ଥିବା ଜଣାପଡ଼ିଛି।

# ମିଶନ ଇନ୍ଦ୍ରଧନୁଷ ସଚେତନତା କାର୍ଯ୍ୟକ୍ରମ

**ଜେକେପୁର,୩୦।୧୧(ଡି.ଏନ୍.ଏ.)**


ରଥ ସହ ଆଶା ଓ ସ୍ୱାସ୍ଥ୍ୟକର୍ମୀ ପଞ୍ଚାୟତ ବୁଲି ସଚେତନ କରୁଛନ୍ତି।

ଜେମାଦେଇପେଣ୍ଠ ସିଏଚ୍‌ସି ତରଫରୁ ଗୋଷ୍ଠୀ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଞ୍ଜୁକ୍ତା ବେହେରାଙ୍କ ତତ୍ତ୍ୱାବଧାନରେ ଚାନ୍ଦିଲି ପଞ୍ଚାୟତ ଅଧୀନ ଇଏସ୍‌ଆଇ ହସ୍ପିଟାଲ୍‌ରେ ଡିସେମ୍ବର ୨ ରୁ ଆରମ୍ଭ ହେବାକୁ ଥିବା 'ମିଶନ ଇନ୍ଦ୍ରଧନୁଷ' କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୪ଟି ପଞ୍ଚାୟତ ଚାନ୍ଦିଲି, କୁମୁଟିପେଣ୍ଠ, କାରଲାକଣା ଓ ପେଣ୍ଠାର ୬ ସ୍ୱାସ୍ଥ୍ୟକର୍ମୀ ଏବଂ ୨୯ ଆଶାକର୍ମୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସିଏଚ୍‌ସିର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ପି.କେ. ସୁବୁଦ୍ଧିଙ୍କ ନିର୍ଦ୍ଦେଶକ୍ରମେ ଜେକେପୁର ତଥା ଅନ୍ୟ ପଞ୍ଚାୟତ ମାନଙ୍କରେ ମିଶନ୍ ଇନ୍ଦ୍ରଧନୁଷର ବାର୍ତ୍ତାନେଇ ସଚେତନତା ପରିକ୍ରମା କରିଥିଲା। ମିଶନ୍ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମରେ ୧୨ଟି ପ୍ରାଣଘାତୀ ରୋଗରୁ ରକ୍ଷା ପାଇଁ ସରକାରଙ୍କ ତରଫରୁ ମାଗଣାରେ ଟୀକାକରଣ କରାଯିବ। ୦ରୁ ୨ ବର୍ଷର ଶିଶୁ ତଥା ଗର୍ଭବତୀ କୌଣସି କାରଣରୁ ଟୀକାରୁ ବଞ୍ଚିତ ହୋଇଥିଲେ ସେମାନେ ଏହି ଅବସରରେ ଟୀକା ଗ୍ରହଣ ନେଇପାରିବେ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜେମାଦେଇପେଣ୍ଠ ସିଏଚ୍‌ସି ପକ୍ଷରୁ ପ୍ରଚେଷ୍ଟା କରାଯାଉଥିବା ସୂଚନା ମିଳିଛି।

## ସଚେତନତା କାର୍ଯ୍ୟକ୍ରମ

**ଗୁଣପୁର,୩୦।୧୧(ଡି.ଏନ୍.ଏ.)**

ରାୟଗଡା ଜିଲା ରାମନାଗୁଡ଼ା ବ୍ଲକ ଆଇଆରବିଏନ ଭାମିନୀ ପକ୍ଷରୁ ବିଭିନ୍ନ ପ୍ରକାର ବିପର୍ଯ୍ୟୟ ସମୟରେ କିପରି ମୁକାବିଲା କରାଯିବ, ସେନେଇ ସଚେତନତା କାର୍ଯ୍ୟକ୍ରମ ତଥା ମକଡ୍ରିଲ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମ ଗୁଣପୁର ବ୍ଲକର ଡମ୍ବସରା, କୁଲୁସିଂ, ପଦ୍ମପୁର ବ୍ଲକର ଗୌଡଖୁଣ୍ଟି, ଚିନ୍ତାଲଗୁଡା, ଗୁଡାରୀ ବ୍ଲକ ଏମ.କେ.ରାଇ ଗ୍ରାମରେ ବିଭିନ୍ନ ପ୍ରକାର ବିପର୍ଯ୍ୟୟ ବିଷୟରେ ସଚେତନ କରାଯାଇଥିଲା। ଓଡ୍ରାଫ୍ ଟିମର ଭାରପ୍ରାପ୍ତ ନିରିକ୍ଷକ ପ୍ରଦୀପ କୁମାର ଦୋରାଙ୍କ ସହ ହାବିଲଦାର, କନଷ୍ଟେବଳ ଅଂଶଗ୍ରହଣ କରିଥିଲେ। ରାୟଗଡ଼ା ୨ୟ ଆଇଆରବିଏନର ଭାରପ୍ରାପ୍ତ ଅଧିକାରୀ ଡେପୁଟି କମାଣ୍ଡାଣ୍ଟ ଜୁରିଆ ବେହେରା ଉପସ୍ଥିତ ଥିଲେ।

## ଯୁକ୍ତଦୁଇ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ବଣ୍ଟନ



ଜଣେ ଛାତ୍ରୀଙ୍କୁ ଲାପ୍‌ଟପ୍ ପ୍ରଦାନ କରାଯାଉଛି।

**ରାୟଗଡ଼ା ଅଫିସ, ୩୦।୧୧**

ବିଜୁ ଯୁବ ସଶକ୍ତୀକରଣ ଯୋଜନାରେ ଯୁକ୍ତଦୁଇ ମେଧାବୀ ଛାତ୍ରୀଛାତ୍ରଙ୍କୁ ଶନିବାର ଲାପ୍‌ଟପ ବଣ୍ଟନ କରାଯାଇଛି। ରାୟଗଡ଼ା କଲେଜସ୍ଥିତ ଗୋଲଡ଼େନ୍ ଜୁବଲି ହଲ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗଦେଇ ଲାପ୍‌ଟପ ପ୍ରଦାନ କରିବା ସହ ନିଜକୁ ଉତ୍ତମ ମଣିଷଭାବେ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରକାଶ ଯେ, ରାୟଗଡ଼ା ଜିଲାର ୨୩ କଲେଜରୁ ୨୨୫ ଛାତ୍ରୀଛାତ୍ର ମେରିଟ୍ ଲିଷ୍ଟରେ ସାମିଲ୍ ହୋଇଛନ୍ତି। ସେଥିମଧ୍ୟରୁ ଶନିବାର ୨୧୮ଜଣ ଲାପ୍‌ଟପ ନେଇଥିବାବେଳେ ଅନ୍ୟ ୭ଜଣ ଅନୁପସ୍ଥିତଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ରାୟଗଡ଼ା କଲେଜର ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସେନାପତି,ପୌର ପରିଷଦର ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ବକ୍ସିପାତ୍ର ଅଧ୍ୟାପକ ରାଧାକୃଷ୍ଣ ପଣ୍ଡିତ ସାଇ ମାଧବ, ଅରୁଣ କୁମାର ଖାଡ଼ାଙ୍ଗା ଏବଂ କଲେଜ ର ଅନ୍ୟାନ୍ୟ ଅଧ୍ୟାପକ ମାନେ ଉପସ୍ଥିତ ଥିଲେ।


ପିଲାମାନେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରୁଛନ୍ତି।

# ଗ୍ରାମ ଦର୍ଶନ କାର୍ଯ୍ୟକ୍ରମ

**ଗୁଣପୁର,୩୦।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପକ୍ଷରୁ ଗ୍ରାମ ଦର୍ଶନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନୁଷ୍ଠାନର ସେବାବ୍ରତୀ ଓ ୯ମ ଶ୍ରେଣୀ ଛାତ୍ରୀଛାତ୍ରମାନେ ନରସିଂହମୁଣ୍ଡା ଗ୍ରାମ ପରିଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ସେଠାରେ ଚାଷୀଙ୍କ ସହ ସାକ୍ଷାତ କରି ବିଭିନ୍ନ ପ୍ରକାର ଫସଲ ଓ ଏହାର ଅମଳ ବିଷୟରେ ଅବଗତ ହୋଇଥିଲେ। ନରସିଂହମୁଣ୍ଡା ଗ୍ରାମର ଶିକ୍ଷକ ହରେକୃଷ୍ଣ ଶବର ମୁଖ୍ୟ ଅତିଥି ଓ ଶିକ୍ଷକ ନରସିଂହ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମରେ ଛାତ୍ରୀଛାତ୍ରମାନେ ସ୍ୱଚ୍ଛତା ଓ ପଲିଥିନ ବର୍ଜନ ତଥା ପରିମଳ ବିଷୟ ଆଧାରିତ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରମାନେ ଗ୍ରାମ ପରିବେଶରେ ଥିବା ଧାନଖଳା, ଧାନ ଜମି, କାନ୍ଦୁଲଜମି, ଝରଣା, ପାହାଡ଼ ପରିଭ୍ରମଣ କରିଥିଲେ। ଆଚାର୍ଯ୍ୟ ସନ୍ତୋଷୀ ବାହାଦୁର ସୁନାରଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ନିମ୍ନ ପ୍ରାଥମିକ ସ୍ତରୀୟ ଶିଶୁ ଉପଯୋଗୀ ଶିକ୍ଷକ ତାଲିମ ଶିବିର

**ମୁନିଗୁଡା, ୩୦।୧୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲାର ମୁନିଗୁଡା ବ୍ଲକ୍ ଅଧୀନ ଲାଟାଗୁଡାରେ ୟୁନିସେଫ୍ ସହାୟତାରେ ଏବଂ ଶିକ୍ଷାସନ୍ଧାନ ପରିଚାଳନା କ୍ରମେ ଶିଶୁ ଉପଯୋଗୀ ଅନୁକୂଳ ପାଠାଗାର ପରିଚାଳନା ଓ ପଠନ ଦକ୍ଷତା ବୃଦ୍ଧି ନିମନ୍ତେ ଦୁଇ ଦିନିଆ ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ପ୍ରକଳ୍ପ ସଂଯୋଜକ ଡ. ଚନ୍ଦନ କୁମାର ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାଗିରଥୀ ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବି. ଭାସ୍କର ରାଓ, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସଂଯୋଜକ ଭୃଗୁନନ୍ଦନ ରଥ ତାଲିମ ନେଉଥିବା ୫୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ କିପରି ଭାଷା, କାହାଣୀ, ସଙ୍ଗୀତ ମାଧ୍ୟମରେ ଅକ୍ଷର, ଶବ୍ଦ, ଛୋଟ ଓ ବଡ଼ ବାକ୍ୟ ଶିକ୍ଷାଦେଇ ସେମାନଙ୍କର ପଠନ ଦକ୍ଷତା ବୃଦ୍ଧି କରାଯିବ ସେବିଷୟରେ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍ତମ ସହଯୋଗ ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର କୁରା ଏବଂ ସିଆର୍‌ସିସି ଅକ୍ଷୟ କୁମାର ରଥଙ୍କୁ ପଦକ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ତାଲିମ ଶିବିରରେ ଅକ୍ଷର ଏବଂ ଶବ୍ଦ ଆଧାରରେ ବିଗ୍ ବୁକ୍ ପ୍ରସ୍ତୁତି, ଚିତ୍ର ପଠନ, ଶିଶୁମାନଙ୍କର ପଠନ ଦକ୍ଷତା ବୃଦ୍ଧି ନିମନ୍ତେ ନୂତନ କୌଶଳର ଅବଲମ୍ବନ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କ୍ଷେତ୍ରକର୍ମୀ ଗୁଣନିଧି ସାହୁକାର, ବିଜୟ କୁମାର ମଲିକ, ଯୋଶେଫ୍ ନାଗ, ତ୍ରିପତି କିଲାକା, ବଳରାମ ଜାଲ ପ୍ରମୁଖ ସହାୟତା କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ବ୍ଲକସ୍ତରୀୟ ବିଜ୍ଞାନମେଳା



ସେମିଳିଗୁଡ଼ା,୩୦।୧୧(ସ୍ୱ.ପ୍ର.): ସେମିଳିଗୁଡ଼ା ସରକାରୀ ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଇଓ ଚାମେଲି ମଜୁମଦାର ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଏନ୍. ବିଜୟା କୁମାରୀ ଉପସ୍ଥିତ ଥିଲେ। ମେଳାରେ ସେମିଳିଗୁଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୦ରୁ ଅଧିକ ପ୍ରକଳ୍ପ ସାମିଲ ହୋଇଥିଲା। ସସ୍ଟେନେବଲ ଏଗ୍ରିକଲଚରାଲ ପ୍ରାକ୍ଟିସେସ ପାଇଁ ପୁଙ୍ଗାର ଆଦର୍ଶ ବିଦ୍ୟାଳୟର ବିଶ୍ୱରୂପା ନାୟକ, କ୍ଲିନନେସ୍ ଓ ହେଲ୍‌ଥ ପାଇଁ ଜି. ହାରିକା ଚୌଧୁରୀ, ରିସୋର୍ସ ମ୍ୟାନେଜମେଣ୍ଟ ପାଇଁ ସୁନାବେଡ଼ା ଏସ୍‌ଏସ୍‌ଜି ହାଇସ୍କୁଲର ଉପେନ୍ଦ୍ର ଖୋସଲା, ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ ପାଇଁ ସୁବାଇ ଏସ୍‌ଏଲ୍‌ଏନ୍ ହାଇସ୍କୁଲର ନମ୍ରତା ମାଝୀ, ଫ୍ୟୁଚର ଟ୍ରାନ୍ସପୋର୍ଟ ଆଣ୍ଡ କମ୍ୟୁନିକେସନ ପାଇଁ ସେମିଳିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଧନେଶ ଖରା, ଏଜୁକେସନାଲ ଗେମସ ଆଣ୍ଡ ମାଥ୍‌ମେଟିକାଲ ମଡେଲିଂ ପାଇଁ ପୁଙ୍ଗାର ଆଦର୍ଶ ବିଦ୍ୟାଳୟର ଅସ୍ମିତା ମଲ୍ଲିକ ଜିଲାସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଛନ୍ତି। ବିଚାରକ ଭାବେ ସଦ୍‌ଗୁରୁ ସାଇନାଥ ଇଣ୍ଟରନ୍ୟାସନାଲ କଲେଜର ରସାୟନ ବିଜ୍ଞାନ ଅଧ୍ୟାପକ ତୁଷାରକାନ୍ତ ଭୁଜବଳ ଓ ଗଣିତ ଅଧ୍ୟାପକ ସଂଗ୍ରାମ କେଶରୀ ଜେନା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେମିଳିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଜେନା ପରିଚାଳନା କରିଥିଲେ।

### ଦୁଇ ଶିଶୁ ସହାୟତା କେନ୍ଦ୍ରକୁ ସହାୟତା

କୋରାପୁଟ,୩୦।୧୧(ସ୍ୱ.ପ୍ର.): ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତାରେ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଦୁଇଟି ଶିଶୁ ସହାୟତା ଅନୁଷ୍ଠାନକୁ ବିଭିନ୍ନ ଘର ସରଞ୍ଜାମ ପ୍ରଦାନ କରାଯାଇଛି। କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ସ୍ଥାନୀୟ ମିଶନ କଂପାଉଣ୍ଡସ୍ଥିତ ଶିଶୁ ସହାୟତା କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହୋଇ ଅନୁଷ୍ଠାନକୁ ଫ୍ରିଜ, ୱାଶିଂ ମେଶିନ, ରାଇସ କୁକର, ପ୍ରେସର କୁକର ଭଳି ଘରକରଣା ସରଞ୍ଜାମ ପ୍ରଦାନ କରିଥିଲେ। ଏହି ଅବସରରେ କୋରାପୁଟ ପୌରପରିଷଦର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଜିଲା ଜରୁରୀ କାର୍ଯ୍ୟାଳୟର ମୁଖ୍ୟ କିରାଣି ପ୍ରକାଶ ସାମଲ ଉପସ୍ଥିତ ଥିଲେ। ସେହିପରି ମସ୍ତିପୁଟସ୍ଥିତ ଶିଶୁମାନଙ୍କ ରିଜଏସ କେନ୍ଦ୍ରକୁ ମଧ ଫ୍ରିଜ, ୱାଶିଂ ମେଶିନ, ପ୍ରେସର କୁକର, ରାଇସ କୁକର ପ୍ରଦାନ କରାଯାଇଛି।

### ଜିଲାସ୍ତରକୁ ଗଲା ୬ ପ୍ରକଳ୍ପ



ବୈପାରୀଗୁଡ଼ା,୩୦।୧୧(ଡି.ଏନ୍.ଏ.): ସ୍ଥାନୀୟ ସରକାରୀ ହାଇସ୍କୁଲରେ ଶନିବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଏଥିରେ ୯୪ଟି ପ୍ରକଳ୍ପ ସ୍ଥାନ ପାଇଛି। ସେଥିରୁ ୬ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଥିଲା। ସେଗୁଡ଼ିକ ହେଲା ଦଳପରୁ ହାଇସ୍କୁଲର ଛାତ୍ରୀ ଶୁଭଦର୍ଶିନୀ ସାହୁଙ୍କ ଭର୍ଟିକାଲ ଗାର୍ଡେନ, କାକଲପଡ଼ା ହାଇସ୍କୁଲର ବାସୁଦେବ କୁମ୍ଭାରଙ୍କ ତରଳ ଜୈବସାର, ଦଣ୍ଡାବାଡ଼ି ହାଇସ୍କୁଲ ବୈଦ୍ୟନାଥ ସଗରିଆଙ୍କ ଅଟୋମେଟିକ୍ ଲିଫ୍ଟ, ବ୍ରାହ୍ମଣଗୁଡ଼ା ହାଇସ୍କୁଲର ମନୋଜ ଚାଲାଣଙ୍କ ଫିଙ୍ଗର ପ୍ରିଣ୍ଟ ବେସ୍‌ଡ ରାଶନ କାର୍ଡ ସିଷ୍ଟମ, ବୈପାରୀଗୁଡ଼ା ହାଇସ୍କୁଲ ଛାତ୍ରୀ ଅଙ୍କିତ ବିଶ୍ୱାଳଙ୍କ ଆଇଡିଆଲ ଟ୍ରାନ୍ସପୋର୍ଟ ସିଷ୍ଟମ, କାକଲପଡ଼ା ହାଇସ୍କୁଲ ଛାତ୍ର ସମୀର ଡାକୁଆଙ୍କ ପ୍ରକଳ୍ପ। ଉଦ୍‌ଯାପନୀ ସଭାରେ ବୈପାରୀଗୁଡ଼ା ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁର୍ଜିତ ସାମଲ ଅଧକ୍ଷତା କରିଥିଲେ। ଏଥିରେ ବ୍ଲକ ଅଧକ୍ଷା ସରୋଜିନୀ କାଣ୍ଡିକି, ବ୍ଲକ ଉପାଧକ୍ଷ ତ୍ରିଲୋଚନ ଜେନା, ସରପଞ୍ଚ ଭାଗିରଥି ମୁର୍ଜିଆ, ବ୍ଲକ ଶିକ୍ଷାଧିକାରୀ ସୁଧୀର ଚନ୍ଦ୍ର ରଥ, ସହକାରୀ ବ୍ଲକ ଶିକ୍ଷାଧିକାରୀ କନକ ମଞ୍ଜରୀ ଭତ୍ରା ତଥା ବିଚାରକ ଭାବେ ଜୟପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଓମ୍ ପ୍ରକାଶ ମିଶ୍ର ଓ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲେ।

# ଏଡ୍‌ସ କବଳରେ କୋରାପୁଟ ଜିଲା

■ ୧୬ ବର୍ଷରେ ୧୮୨୯ ଜଣ ପଜିଟିଭ ଚିହ୍ନଟ, ୪୮୦ ଜଣଙ୍କ ମୃତ୍ୟୁ

କୋରାପୁଟ,୩୦।୧୧(ସ୍ୱ.ପ୍ର.)

## ରେଡ୍ ଜୋନ୍‌ରେ ଜୟପୁର, କୋରାପୁଟ, ସେମିଳିଗୁଡ଼ା

କୋରାପୁଟ ଜିଲାରେ ଏଡ୍‌ସ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଯୋଗୁ ଲୋକଙ୍କ ଭିତରେ ଏନେଇ ଆତଙ୍କ ପ୍ରକାଶ ପାଇଛି । ବିଶେଷ କରି ଜିଲାର ଜୟପୁର, କୋରାପୁଟ ଓ ସେମିଳିଗୁଡ଼ା ବ୍ଲକରେ ଏହି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜିଲାର ଏହି ତିନି ବ୍ଲକକୁ ରେଡ୍ ଜୋନ୍‌ରେ ରଖାଯାଇଛି। ୨୦୦୩ରୁ ୨୦୧୯ ଅକ୍ଟୋବର ଶେଷ ସୁଦ୍ଧା କୋରାପୁଟ ଜିଲାରେ ସମୁଦାୟ ୫ ଲକ୍ଷ ୧୬ ହଜାର ଜଣଙ୍କୁ କାଉନସେଲିଂ କରାଯାଇଥିବାବେଳେ ୩ ଲକ୍ଷ ୭୪ ହଜାର ୬୭୫ ଜଣଙ୍କ ରକ୍ତନମୁନା ପରୀକ୍ଷା କରାଯାଇଛି। ଏହି ସମୟସୀମା ମଧ୍ୟରେ ୧୮୨୯ ଜଣ ରୋଗୀଙ୍କ ରକ୍ତରେ ଏଚ୍‌ଆଇଭି ଭୂତାଣୁ ରହିଥିବା ଚିହ୍ନଟ ହୋଇଛି। ସେଥିରୁ ୪୮୦ ଜଣଙ୍କ ମୃତ୍ୟୁ ହୋଇଥିବା ଜିଲା ଏଡ୍‌ସ ସେଲ୍‌ର ରିପୋର୍ଟ କହୁଛି।

କୋରାପୁଟ ଜିଲା ବୈପାରିଗୁଡ଼ା ଅଞ୍ଚଳରୁ ୫୩ ଜଣ ଏଚ୍‌ଆଇଭି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିବାବେଳେ ବନ୍ଧୁଗାଁ ବ୍ଲକରୁ ୧୧, ବୋରିଗୁମ୍ମା ବ୍ଲକରୁ ୧୫୦, ଦଶମନ୍ତପୁର ବ୍ଲକରୁ ୭, ଜୟପୁର ବ୍ଲକରୁ ୭୦୬, କୋରାପୁଟ ବ୍ଲକରୁ ୩୩୭, କୋଟପାଡ଼ ବ୍ଲକରୁ ୧୪୯, କୁନ୍ଦୁରା ବ୍ଲକରୁ ୩୨, ଲମତାପୁଟ ବ୍ଲକରୁ ୮, ଲକ୍ଷ୍ମୀପୁର ବ୍ଲକରୁ ୨୬, ନନ୍ଦପୁର ବ୍ଲକରୁ ୨୭, ନାରାୟଣପାଟଣା ବ୍ଲକରୁ ୧୯, ପଟ୍ଟାଙ୍ଗି ବ୍ଲକରୁ ୬୩, ସେମିଳିଗୁଡ଼ା ବ୍ଲକରୁ ୨୫୦ ଜଣ, ଏହିପରି ମୋଟ ୧୮୨୯ ଜଣଙ୍କ ରକ୍ତରେ ଏଚ୍‌ଆଇଭି ଭୂତାଣୁ ଚିହ୍ନଟ ହୋଇଛି। ସେହିପରି ଏଡ୍‌ସରେ ୨୦୦୩ରେ କୋରାପୁଟ ଜିଲାରେ ୨୦ ଜଣଙ୍କ ମୃତ୍ୟୁହୋଇଥିବାବେଳେ ୨୦୦୪ରେ ୧୯ ଜଣ, ୨୦୦୫ରେ ୧୯ ଜଣ, ୨୦୦୬ରେ ୪୧ ଜଣ, ୨୦୦୭ରେ ୪୩ ଜଣ, ୨୦୦୮ରେ ୪୮ ଜଣ, ୨୦୦୯ରେ ୪୩ ଜଣ, ୨୦୧୦ରେ ୫୧ ଜଣ, ୨୦୧୧ରେ ୩୪ ଜଣ, ୨୦୧୨ରେ ୩୭ ଜଣ, ୨୦୧୩ରେ ୩୨ ଜଣ, ୨୦୧୪ରେ ୨୫ ଜଣ, ୨୦୧୫ରେ ୨୬ ଜଣ, ୨୦୧୬ରେ ୨୨ ଜଣ, ୨୦୧୭ରେ ୧୦ ଜଣ, ୨୦୧୮ରେ ୧୩ ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୯ ଅକ୍ଟୋବର ସୁଦ୍ଧା ୭ ଜଣଙ୍କର ମୃତ୍ୟୁ ହୋଇଥିବା ଜିଲା ଏଡ୍‌ସ ପ୍ରତିକାର ସେଲ (ଡାପସୁ)ର ଜିଲା ସଂଯୋଜକ ସର୍ବେଶ୍ୱର ବାରିକ ପ୍ରକାଶ କରିଛନ୍ତି। ଏହି ସମୟସୀମା ମଧ୍ୟରେ କୋରାପୁଟ ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ସଦର ମହକୁମା ଡାକ୍ତରଖାନା ଓ କୋରାପୁଟ ମେଡିକାଲ କଲେଜରେ ଜିଲା ଓ ବାହାରର ୨୬୨୪ ଜଣ ଚିହ୍ନଟ ହୋଇଥିବାବେଳେ ସେଥିରୁ ୬୨୭ ଜଣଙ୍କ ମୃତ୍ୟୁ ହୋଇଛି। ସେଥିରେ ୩୯୫ ଜଣ ପୁରୁଷ ଓ ୧୯୫ ଜଣ ମହିଳା ରହିଛନ୍ତି।



ପ୍ରଶାସନକୁ ଦାବିପତ୍ର ଦେବାକୁ ଆସିଥିବା କହ୍ନେଇପୁଟ ସାହିବାସିନ୍ଦା।

# ମନ୍ଦିର ଜମି ଜବରଦଖଲକୁ ବିରୋଧ

## ପ୍ରଶାସନର ଦ୍ୱାରସ୍ଥ ହେଲେ କହ୍ନେଇପୁଟ ସାହିବାସିନ୍ଦା

କୋରାପୁଟ,୩୦।୧୧(ସ୍ୱ.ପ୍ର.)

କୋରାପୁଟ ମ୍ୟୁନିସପାଲିଟି ଅଧୀନ କହ୍ନେଇପୁଟ ଗ୍ରାମର ମା' ବୁଢ଼ୀ ଠାକୁରାଣୀ ମନ୍ଦିର ବସ୍ତି ଜମିକୁ କେତେକ ମାଫିଆ ଜବରଦଖଲ କରି ସେଠାରେ ଘର ନିର୍ମାଣ କରୁଛନ୍ତି। ଏହାକୁ ଗ୍ରାମବାସୀ ତୀବ୍ର ବିରୋଧ କରି ଶନିବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ମାଫିଆଙ୍କୁ ଘର ନିର୍ମାଣ ବନ୍ଦ କରିବାକୁ ବାରମ୍ବାର କୁହାଯିବା ସତ୍ତ୍ୱେ ସେମାନେ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ତେଣୁ ଗ୍ରାମବାସୀ ତହସିଲଦାରଙ୍କୁ ଭେଟିବା ପରେ ତହସିଲ ଉକ୍ତ ସ୍ଥାନରେ ଏକ ନାଲି ପତାକା ଲଗାଇଥିଲା। ଏହାସହ ନିର୍ମାଣାଧୀନ ଘରକୁ ଭାଙ୍ଗି ଦେବା ପାଇଁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ କିଛି ଦିନ ଗୃହ କାର୍ଯ୍ୟ ବନ୍ଦ ରହିବା ପରେ ପୁଣି ସେଠାରେ କାମ ଆରମ୍ଭ ହୋଇଥିବାରୁ ଗ୍ରାମବାସୀ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ଦେଇଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି କହ୍ନେଇପୁଟ ଗ୍ରାମର ରାମା ନାୟକ, ସଦା ନାୟକ, ତେଜାଶ୍ରୀ ନାୟକ, କଲ୍ୟାଣୀ ବାଘ, ସୁଶିଲା ନାୟକ, ମୁକ୍ତା ପୂଜାରୀ, ରଶ୍ମିତା ନାୟକ, ସୁବାସ ନାୟକ ଓ ଶତାଧିକ ବାସିନ୍ଦା।

# ମିଶନ ଇନ୍ଦ୍ରଧନୁଷ ପ୍ରଚାର ରଥର ଶୁଭାରମ୍ଭ

ଦାମନଯୋଡ଼ି,୩୦।୧୧(ଡି.ଏନ୍.ଏ.)

କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମିଶନ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମର ପ୍ରଚାର ରଥ ଶନିବାର ଶୁଭାରମ୍ଭ ହୋଇଛି। ଡିସେମ୍ବର ୨ରୁ ୧୦ ପର୍ଯ୍ୟନ୍ତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜନ୍ମରୁ ୨ ବର୍ଷ ମଧ୍ୟରେ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଟିକାକରଣ କରାଯିବ। ଯେଉଁମାନେ କୌଣସି କାରଣବଶତଃ ଟିକା ନେଇପାରି ନାହାନ୍ତି, ସେମାନଙ୍କୁ ଟିକାକରଣ କରାଯିବ। ପ୍ରତି ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ତରରେ ୨ ତାରିଖ ଏହାର ଉଦ୍‌ଘାଟନ କରାଯିବ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ଟିକାକରଣ ପାଇଁ ବ୍ୟବସ୍ଥା ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୋହନ ନାୟକଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମର ପ୍ରଚାର ରଥକୁ ଡାକ୍ତର ସୁଶୀଲ ବିଶୋୟୀ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ବ୍ଲକ ପରିଚାଳିକା ନୂତନ ସିଂ, ଭାରପ୍ରାପ୍ତ ପିଏଚ୍‌ଇଓ ମକର ଜାନି, ସୁପରଭାଇଜର ରାଧିକା ସୋରେନ, ଜଗନ୍ନାଥ ବିଶ୍ୱାସରାୟ, ଭାରପ୍ରାପ୍ତ ସୁପରଭାଇଜର କ୍ଷୀରପ୍ରଭା ସେଠୀ ଉପସ୍ଥିତ ଥିଲେ।



ମିଶନ୍ ଇନ୍ଦ୍ରଧନୁଷ ପ୍ରଚାର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ଅତିଥି।

## 'ଧରିତ୍ରୀ' ପ୍ରଭାବ

# ଜଗନ୍ନାଥଙ୍କ ଥଇଥାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଟୁଇଟ୍

ବୈପାରୀଗୁଡ଼ା,୩୦।୧୧(ଡି.ଏନ୍.ଏ.)

'ଧରିତ୍ରୀ'ରେ ଗତ ୧୪ ତାରିଖ ପ୍ରକାଶ ପାଇଥିବା 'ବୟସର ଅପରାହ୍ନରେ ବେସାହାରା ଜଗନ୍ନାଥ' ଶୀର୍ଷକ ଖବରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ବୈପାରୀଗୁଡ଼ା ଗୋଷ୍ଠୀ ଅଧିକାରୀଙ୍କ ନିକଟକୁ ଏକ ଟୁଇଟ୍ ଆସିଛି । ଏହା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଜଗନ୍ନାଥଙ୍କୁ ବାସଗୃହ ଯୋଗାଇ ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଦୀପା ବାରିକ ନାମକ ଜଣେ ସାମାଜିକ କର୍ମୀ ଉକ୍ତ ଖବରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଟୁଇଟ୍ କରିଥିଲେ। ଜଗନ୍ନାଥଙ୍କୁ ସମସ୍ତ ପ୍ରକାର ସହୟତା ପ୍ରଦାନ କରାଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଜନୀକାନ୍ତ ଦାସ ପ୍ରତିଶ୍ରୁତି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବୈପାରୀଗୁଡ଼ା ବ୍ଲକ ଅମଳାଭଟ୍ଟା ଗ୍ରାମର ୭୦ ବର୍ଷୀୟ ଜଗନ୍ନାଥ ସେଠୀ ଯୁବ ବୟସରେ ମାଲକାନଗିରିରେ ବିବାହ କରି ସ୍ଥାୟୀ ଭାବେ ରହି ଇସ୍ତ୍ରୀ କାମ କରି ଗୁଜୁରାଣ ମେଣ୍ଟାଉଥିଲେ। ସମୟକ୍ରମେ ତାଙ୍କର ପିଲା ଛୁଆ ଜନ୍ମ ହେବାର ଅଳ୍ପ ସମୟ ମଧ୍ୟରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଶେଷରେ ପତ୍ନୀ ମଧ ଆରପାରିକୁ ଚାଲିଗଲେ। ବାର୍ଦ୍ଧକ୍ୟ ଅବସ୍ଥାରେ ଆଶ୍ରୟ ପାଇଁ ନିଜ ଭିଟାମାଟିକୁ ଫେରିଥିଲେ। ଏଠାରେ କେବଳ ତାଙ୍କୁ ମାସିକ ବାର୍ଦ୍ଧକ୍ୟ ଭତ୍ତା ୫ ଶହ ଟଙ୍କା ମିଳୁଥିବା ବେଳେ ମୁଣ୍ଡ ଗୁଞ୍ଜିବାକୁ ଚାଳଟିଏ ନାହିଁ କିମ୍ବା ଟଙ୍କିକିଆ ଚାଉଳ ତାଲିକାରେ ନାଁ ନାହିଁ । ରାତିରେ ଏକ ଚା ଦୋକାନର କୁଡ଼ିଆ ଘରେ ଆଶ୍ରୟ ନେଉଥିଲେ ଓ ଦିନ ବେଳା ଏଣେତେଣେ ବୁଲି ମାଗି ଖାଉଥିଲେ।

# ମଦଦୋକାନ ବନ୍ଦ ଦାବି ତେଜିଲା

■ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଥାନା ଘେରିଲେ ସାହିବାସିନ୍ଦା

ଜୟପୁର,୩୦।୧୧(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସହରର କୁମ୍ଭାରସାହି ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦଭାଟି କରାଯାଇ ମଦ ବିକ୍ରି କରାଯାଉଛି। ଏଭଳି ଅଭିଯୋଗ ନେଇ ସାହି ବାସିନ୍ଦା ଶନିବାର ଉପଜିଲାପାଳ ଏବଂ ଟାଉନଥାନା ଅଧିକାରୀଙ୍କୁ ସ୍ମାରକପତ୍ର ଦେଇଛନ୍ତି। କୁମ୍ଭାର ସାହିର ବାସିନ୍ଦା ପୂର୍ବତନ କାଉନସିଲର ସିମାଞ୍ଚଳ ବିଶୋଇଙ୍କ ନେତୃତ୍ୱରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଏବଂ ଯୁବକମାନେ ପ୍ରଥମେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣି କୋମଳ ରଥଙ୍କୁ ସ୍ମାରକ ପତ୍ର ଦିଆଯାଇଥିଲା। ସେହିପରି ଟାଉନଥାନାରେ ମଧ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସାହିବାସିନ୍ଦା ଅଭିଯୋଗ କରିଛନ୍ତି ଯେ, କୁମ୍ଭାର ସାହି ଆଞ୍ଚଳରେ ଦେଶୀ ଓ ବିଦେଶୀ ମଦ ୭ଟି ସ୍ଥାନରେ ବିକ୍ରି କରାଯାଉଛି। ସେଠାରୁ ମଦ ପିଇ ଲୋକେ ସାହିର ମହିଳା ଓ ଯୁବତୀଙ୍କୁ ଅଶ୍ଳୀଳ ଆଚରଣ କରୁଛନ୍ତି । ଏହାକୁ ବିରୋଧ କଲେ ମଦ ବ୍ୟବସାୟୀ ଗାଳିଗୁଲଜ ଓ ଧମକ ଦେଉଛନ୍ତି । ତେଣୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ସଚ୍ଚିଦାନନ୍ଦ ନାୟକ, ରମେଶ ବେହେରା, ପରଦେଶୀ ବାଘ, ଅଶୋକ ବିଶୋୟୀ, ସୁଧୀର ମହାନ୍ତି, ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ବାଳକୃଷ୍ଣ ପଣ୍ଡା, ଭାରତ ମିଶ୍ର, କାର୍ତ୍ତିକ କୁମ୍ଭାର, ଜୟରାମ ଗାଦବା, ସୋମନାଥ ଜାନୀ, ସଦା ମୁଦୁଲି, ତ୍ରିନାଥ ନାୟକ ଏବଂ ସ୍ଥାନୀୟ ୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା।



ପ୍ରଶାସନକୁ ଦାବି ଜଣାଉଛନ୍ତି ମହିଳାମାନେ।

# ୩୨୧୫ ଲିଟର ପୋଚ, ମଦ ଜବତ

ବନ୍ଧୁଗାଁ,୩୦।୧୧(ଡି.ଏନ୍.ଏ.)

ବନ୍ଧୁଗାଁ ଓ ନାରାୟଣପାଟଣା ଥାନା କର୍ମଚାରୀଙ୍କ ଦ୍ୱାରା ଶନିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ବଡ଼ମାତୁର (କମୁଗଣ୍ଡା ଜିପି), ସାନମାତୁର (କାନାଗାଁ ଜିପି), ରାମଜିପୁଟ (କାନାଗାଁ ଜିପି) ଗ୍ରାମରେ ଥିବା ମଦଭାଟିରେ ଚଢ଼ାଉ କରାଯାଇଛି। ଏଥିରେ ୩ହଜାର ଲିଟର ପୋଚ ଜବତ କରି ନଷ୍ଟ କରାଯାଇଛି । ଏହା ସହ ଦେଶୀ ମଦ ବିକ୍ରି କରୁଥିବା ଲୋକଙ୍କ ଘରେ ଚଢ଼ାଉ କରାଯାଇ ବଳରାମ ମାଣ୍ଡିଆ ସାହୁ (ରାମବିପୁଟ), କେ. ଶ୍ରୀଧର (ରାମବିପୁଟ), ସୁବେଳୟା ୱାଟାକା (କାନାଗାଁ) ଓ ବିଷ୍ଣୁ କୁଡ଼ଗୁଡା, ତୁରୁକୁପେଟାଙ୍କଠାରୁ ୨୧୫ ଲିଟର ମଦ ଜବତ କରି ସେମାନଙ୍କୁ ଥାନାରେ ଅଟକ ରଖାଯାଇଛି। ବନ୍ଧୁଗାଁ ବ୍ଲକରେ କୋରାପୁଟ ଏସ୍‌ପି ମୁକେଶ କୁମାର ଭାମୋଙ୍କ ନିର୍ଦ୍ଦେଶ ଓ ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱିନ କୁମାର ନାଇକଙ୍କ ତତ୍ତ୍ୱାବଧାନ ତଥା ବନ୍ଧୁଗାଁ ଥାନା ଅଧିକାରୀ ତପନ ନାହାକଙ୍କ ଉପସ୍ଥିତିରେ ଏହି ଚଢ଼ାଉ ହୋଇଥିଲା।

■ ସ୍ପନ୍ଦନ ଷ୍ଟାର ଓଲିଉଡ୍ ଆୱାର୍ଡସ

# ସ୍ୱଧୀତି ସୁଲଗ୍ନା ଶ୍ରେଷ୍ଠ ଶିଶୁ କଳାକାର

କୋରାପୁଟ,୩୦।୧୧(ସ୍ୱ.ପ୍ର.)



ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ସ୍ପନ୍ଦନ ଷ୍ଟାର ଓଲିଉଡ ଆୱାର୍ଡସରେ ଶ୍ରେଷ୍ଠ ଶିଶୁ କଳାକାର ଭାବେ କୋରାପୁଟର ସ୍ୱଧିତା ସୁଲଗ୍ନା ସମ୍ମାନିତ ହୋଇଛନ୍ତି। ସୁଲଗ୍ନା ହେଉଛନ୍ତି କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ । ଉତ୍ସବରେ ଓଲିଉଡର ସମସ୍ତ ଶ୍ରେଷ୍ଠ ତଥା ବିଶିଷ୍ଟ କଳାକାରଙ୍କ ଗହଣରେ ଅତିଥି ଭାବେ ଯୋଗ ଦେଇଥିଲେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ହାଉସିଂ ବୋର୍ଡ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ମୋ' କଲେଜ ସଭାପତି ତଥା ଅଭିନେତା ଆକାଶ ଦାସ ନାୟକ, ସ୍ୱଧିତିଙ୍କୁ ମଞ୍ଚରେ ଅଭିନେତା ବୁଦ୍ଧାଦିତ୍ୟ, ନିର୍ଦ୍ଦେଶକ ସଞ୍ଜୟ ନାୟକ ଓ ସଙ୍ଗୀତ ନିର୍ଦ୍ଦେଶକ ପଞ୍ଚାନନ ନାୟକ ସମ୍ବର୍ଦ୍ଧିତ କରିଥିଲେ । ଉଲ୍ଲେଖଯୋଗ୍ୟ, ସ୍ୱଧିତି ଅନେକବାର ମଞ୍ଚରେ ଅଭିନୟ କରିବା ସହିତ 'ଓନଲି ପ୍ୟାର' ଚଳଚ୍ଚିତ୍ରରେ ବାବୁସାନ ଓ ସୁପ୍ରିୟାଙ୍କ ସହ ଅଭିନୟ କରିଥିଲେ। ସେ ଅଧ୍ୟାପିକା ପ୍ରୀତିଧାରା ସାମଲ ଓ ସଫଳ କଫି ଉଦ୍ୟୋଗୀ ସୁଜୟ ପ୍ରଧାନଙ୍କ କନିଷ୍ଠା କନ୍ୟା।

# ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୯୮ ପ୍ରକଳ୍ପ

ବନ୍ଧୁଗାଁ,୩୦।୧୧(ଡି.ଏନ୍.ଏ.)

ବନ୍ଧୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ସୁରେଶ ସୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଳାକୁ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ୩୨ଟିସ୍କୁଲ ପକ୍ଷରୁ ୯୮ଟିପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ୧୪୮ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରକଳ୍ପ ସହ ଉପସ୍ଥିତ ରହିଥିଲେ । ସରକାରୀ ଉଚ୍ଚ ବିଦ୍ୟାଳୟର ବିକ୍ରମ ମେଲେକା, ଏକ୍ସୋବର୍ଡ ଏନ୍‌ପିୟୁ ସ୍କୁଲର ସୁନୀଲ ଖୋସ୍ଲା, ଚନ୍ଦନ ମହାନନ୍ଦିଆ, ନମିତା ମେଲେକା, ଶୁଭଶ୍ରୀ ସୁଚିନ୍ତିଶା ଦାସ, ଜଗଦୀଶ ଖରସାଲିଙ୍କ ପ୍ରକଳ୍ପ ଶ୍ରେଷ୍ଠ ମନୋନୀତ ହୋଇଛନ୍ତି। ଏହି ୬ଜଣ ଛାତ୍ରୀଛାତ୍ର ନିଜ ପ୍ରକଳ୍ପକୁ ୩ରୁ ୪ ତାରିଖ ଜୟପୁର ସରକାରୀ ଉଚ୍ଚବିଦ୍ୟାଳୟରେ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନମେଳାରେ ପ୍ରଦର୍ଶନ କରିବେ। ଏହି ମେଳାରେ ବିଇଓ ପ୍ରଫୁଲ୍ଲ ମିଶ୍ର, ଏବିଇଓ ମଦନ ମୁଦୁଲି, ଗୋବର୍ଦ୍ଧନ ସାହୁ, ଦେବରାଜ ମହାରଣା, ଦୁର୍ଗା ପ୍ରସାଦ ଚୌଧୁରୀ ଉପସ୍ଥିତ ଥିଲେ।



ବିଚାରକମାନେ ପିଲାଙ୍କ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ବାଲ୍ୟବିବାହ ରୋକିବ 'ଅପରାଜିତା'

■ ଜୟପୁର, ବୈପାରୀଗୁଡ଼ାରେ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ



ଜୟପୁରରେ ଅପରାଜିତା କାର୍ଯ୍ୟକ୍ରମର ଶୁଭାରମ୍ଭ ସଭାରେ ଅତିଥିମାନେ।



ବୈପାରୀଗୁଡ଼ାରେ ଅପରାଜିତା କାର୍ଯ୍ୟକ୍ରମ।

ଜୟପୁର/ବୈପାରୀଗୁଡ଼ା, ୩୦।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ଓ ବୈପାରୀଗୁଡ଼ା ବ୍ଲକରେ ବାଲ୍ୟ ବିବାହ ରୋକିବା ପାଇଁ ସଚେତନନତା ଅଭିଯାନ 'ଅପରାଜିତା'ର ଶୁଭାରମ୍ଭ କରାଯାଇଛି। ଜୟପୁର ବ୍ଲକ କାର୍ଯ୍ୟାଳୟରେ ସମନ୍ୱୟ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଅଙ୍ଗନୱାଡ଼ି କର୍ମୀ, ଗ୍ରାମାଞ୍ଚଳରେ ବିବାହ କରାଉଥିବା ମଧ୍ୟସ୍ଥ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ଯୋଗଦେଇ କହିଥିଲେ, ବାଲ୍ୟ ବିବାହ ଆଇନ ଅନୁଯାୟୀ ଅପରାଧ। ତେଣୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ମହିଳାମାନେ ଏଥିପ୍ରତି ସଚେତନ ହେବା ସହ ଏହାକୁ ବିରୋଧ କରନ୍ତୁ। କୁମୁଲିପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୌମରଞ୍ଜନ ଜେନା ଯୋଗଦେଇ କହିଥିଲେ, ନାବାଳିକାଙ୍କ ଶାରୀରିକ ବିକାଶ ହୋଇ ନ ଥିବା ଯୋଗୁ ବିବାହ ପରେ ପ୍ରସବ ପୂର୍ବରୁ ଓ ପରେ ଉଭୟ ମା' ଓ ନବଜାତ ଶିଶୁର ଜୀବନ ପ୍ରତି ବିପଦ ରହିଥାଏ । ତେଣୁ ସାବାଳିକା ହେବା ପରେ ବିବାହ ଉପଯୋଗୀ। କାର୍ଯ୍ୟକ୍ରମରେ ବିଡିଓ ସୂରଜ ପଟ୍ଟନାୟକ, ଅଧକ୍ଷା ସୁକାନ୍ତି ବାଗଦେରିଆ, ଉପାଧକ୍ଷ ଈଶ୍ୱର ବାଘ, ଜିଲା ପରିଷଦ ସଭ୍ୟା ବିଦ୍ୟୁରାଣୀ ମିଶ୍ର, ସିଡିପିଓ ପ୍ରଭାତିରାଣୀ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ରାଜେନ୍ଦ୍ର ସାହୁ, ସରପଞ୍ଚ ବୈଦ୍ୟନାଥ ନାୟକ, ତ୍ରିନାଥ ଜାନି, ପିଇଓ ବାବାଜୀ ପାଣିଗ୍ରାହୀ ଉପସ୍ଥିତ ଥିଲେ।

ସେହିପରି ବୈପାରୀଗୁଡ଼ା ବ୍ଲକ କାର୍ଯ୍ୟାଳୟରେ ମୁଖ୍ୟ ଅତିଥି ଭାବେ କୋରାପୁଟ ପ୍ରୋଗ୍ରାମ ଅଫିସର ସ୍ୱର୍ଣ୍ଣଭା ଦାସ, ସିଡିପିଓ ଆରତୀ ମହାପାତ୍ର, ବିଡିଓ ରଜନୀକାନ୍ତ ଦାସ, ବ୍ଲକ ଅଧକ୍ଷା ସରୋଜିନୀ କାଣ୍ଡିକି ଓ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷା ସ୍ନେହଲତା ପଟ୍ଟନାୟକ ଯୋଗଦେଇ 'ଅପରାଜିତା'ର ଶୁଭାରମ୍ଭ କରିଥିଲେ। ଆଦିବାସୀ ଇଲାକାରେ ବାଲ୍ୟ ବିବାହ ରୋକିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

